ସୁନ୍ଦରଗଡ ଜିଲ୍ଲା ସମାଚାର

ବନ ବିଭାଗ : ଗ୍ରାମବାସୀ ମୁହାଁମୁହିଁ

ବିଶ୍ରା, ୨୧।୬ (ଶ୍ରୁ.ମି) : ଚୋରା କାଠ ଜବତ ପାଇଁ ଯାଇଥିବା ବନ ବିଭାଗ କର୍ମଚାରୀ ଓ ଅଧିକାରୀ ଏବଂ ଗ୍ରାମବାସୀମାନଙ୍କ ମଧ୍ୟରେ ମୁହାଁମୁହିଁ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ମିଳିଥିବା ସୂଚନା ଅନୁସାରେ ବିଶ୍ରା ରେଞ୍ଜ ଅଞ୍ଚଳର ଝାରବେଡା ଗ୍ରାମର ଲେଦୁରା ଟୋଲାରେ ଚୋରା କାଠ ମହଜୁଦ ଥିବା ଖବର ପାଇ ବନ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ମିଳିତ ଭାବେ ଚଢାଉ କରି ବହୁ ମୂଲ୍ୟବାନ କାଠ ଜବତ କରିଥିଲେ । ତେବେ ଏହି ଚଢାଉକୁ ନେଇ ଗ୍ରାମବାସୀ ବନବିଭାଗ ମଧ୍ୟରେ ମୁହିଁମୁହିଁ ହୋଇ ଗ୍ରାମବାସୀମାନେ ବନ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କୁ ଗ୍ରାମରେ ଅଟକାଇ ରଖିଥିବଲେ । ଏସମ୍ବନ୍ଧରେ ଖବର ପାଇ ପୋଲିସ ପହଞ୍ଚି ଗ୍ରାମବାସୀମାନଙ୍କୁ ବୁଝାସୁଝା କରି ଅଟକ କର୍ମଚାରୀମାନଙ୍କୁ ଛଡାଇଥିଲେ । ଜବତ କାଠର ମୂଲ୍ୟ ପ୍ରାୟ ୫୦ ହଜାର ଟଙ୍କା ହେବ ବୋଲି ଅନୁମାନ କରାଯାଇଛି ।

ଜଙ୍ଗଲରୁ ମହିଳାଙ୍କ ଶବ ଉଦ୍ଧାର

ହେମଗିରି, ୨୧।୬ (ଶ୍ରୁ.ମି) : ସୁନ୍ଦରଗଡ ପୋଲିସ ଜିଲ୍ଲା ଅଧିନରେ ଥିବା ହେମଗିରି ଥାନା ଅଞ୍ଚଳର ବଲିଙ୍ଗା ଫାଣ୍ଡି ଅନ୍ତର୍ଗତ ଡୁଡୁକା ନିକଟରେ ଥିବା ଅଁଳାବାହାଲ ରାଏଡିହି ରାସ୍ତା କଡରେ ଥିବା ପାଣିଖୋଲିଆ ଜଙ୍ଗଲ

ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ସନ୍ଦେହ

ମଧ୍ୟରୁ ପୋଲିସ ଜଣେ ମହିଳାଙ୍କ ଶବକୁ ଉଲଗ୍ନ ଅବସ୍ଥାରେ ଉଦ୍ଧାର କରିଛି । ପ୍ରାଥମିକ ଅନୁସନ୍ଧାନରେ ମହିଳାଙ୍କ ବୟସ ୩୦ ବର୍ଷ ପାଖାପାଖି ହେବ ପ୍ରଥମେ ମହିଳାଙ୍କୁ ଧର୍ଷଣ କରାଯିବା ପରେ ହତ୍ୟା କରି ଫୋପାଡି ଦିଆଯାଇଥିବା ନେଇ ପୋଲିସ ସନ୍ଦେହ କରୁଛି । ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି ।

ପଥରଗଡାକୁ ନେଇ ଦୁଇ ଗୋଷ୍ଠି ମଧ୍ୟରେ ଗଣ୍ଡଗୋଳ ମାମଲା

ଆହତ ୮ ଜଣଙ୍କ ମଧ୍ୟରୁ ଜଣଙ୍କର ଡାକ୍ତରଖାନାରେ ମୃତ୍ୟୁ

କୁତ୍ରା, ୨୧।୬ (ଶ୍ରୁ.ମି) : ସୁନ୍ଦରଗଡ ପୋଲିସ ଜିଲ୍ଲା ଅଧିନରେ ଥିବା କୁତ୍ରା ଥାନା ଅଞ୍ଚଳର ତେଲି ଘଣାଠାରେ ଥିବା ଗଡପୋଷ ନିକଟ ଦେଇ ଯାଇଥିବା ରାଜ୍ୟ ରାଜପଥ ନମ୍ବର -୧୦ କଡରେ ପେସା ଗ୍ରାମସଭାର ସଦସ୍ୟମାନଙ୍କ ଦ୍ୱାରା ସମ୍ବିଧାନର ପଞ୍ଚମ ଅନୁଚ୍ଛେଦର ଧାରା ୨୪୪(୧)ର ଦ୍ୱାହିତ ଦେଇ ସ୍ଥାନୀୟ ଅଞ୍ଚଳର ବିକାଶ ଗ୍ରାମସଭାରେ ଅନୁମୋଦନ ହେବା ପରେ ଥିବା କଥା କହି ଏଥିପାଇଁ ଗ୍ରାମବାସୀମାନଙ୍କୁ ସଚେତନ କରିବା କଥା କହି ସମାନ୍ତରାଳ ଶାସନ ବ୍ୟବସ୍ଥାକୁ

ପ୍ରୋତ୍ସାହନ ଦେଇଥିବା ଲୋଖାମାନ ଲେଖି ପଥର ଗାଡିଥିଲେ । ଏହି ପଥରଗଡାକୁ ଖୁଟକାଟିଆ ବିକାଶ ମଞ୍ଚର ସଦସ୍ୟମାନେ ବିରୋଧ କରିଥିଲେ । ଫଳରେ ଅଞ୍ଚଳରେ ଉତ୍ତେଜନା ଦେଖାଦେଇ ଉଭୟ ଗୋଷ୍ଠି ମଧ୍ୟରେ ମାରପିଟ୍ ହୋଇଥିଲା । ଏଥିରେ ୮ ଜଣ ଆହତ ହୋଇଥିଲେ । ଗଣ୍ଡଗୋଳ ସମ୍ବନ୍ଧରେ ଖବର ପାଇ ପୋଲିସ ପହଞ୍ଚି ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ବିଭିନ୍ନ ଡାକ୍ତରଖାନାକୁ ପଠାଇଥିଲେ । ତେବେ ଡମ୍ବରୁଧର ସେଠ (୩୫) ନାମକ ଜଣେ ଆହତ ବ୍ୟକ୍ତି ଆଜି ରାଉରକେଲା ହାଇଟେକ ମେଡିକାଲ କଲେଜରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁବରଣ କରିଥିବା ଜଣାପଡିଛି । ଡମ୍ବରୁଙ୍କ ମୃତ୍ୟୁ ପରେ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ସଶସ୍ତ୍ର ପୋଲିସ ବାହିନୀ ଜଗି ରହିଛନ୍ତି । ଏପେଟ ମୃତ ଡମ୍ବରଙ୍କ ଶବକୁ ଜବତ କରି ପୋଲିସ ବ୍ୟବଚ୍ଛେଦ କରିଛି ।

ସ୍କୁଲ ପାଚେରୀ ଭାଙ୍ଗି ରୁମ ଭିତରକୁ ପଶି ଗଲା ଟ୍ରକ୍

ଟେନ୍ନା, ୨୧।୬ (ଶ୍ରୁ.ମି) : ଲହୁଣୀପଡା ଥାନା ଅଞ୍ଚଳରେ ଥିବା ଟେନ୍ନା ଫାଣ୍ଡି ଅନ୍ତର୍ଗତ ଶସ୍ୟକଳା ଗ୍ରାମ ପଞ୍ଚାୟତର ଟିକୋ ଗ୍ରାମ ନିକଟରେ ଥିବା ସେବାଶ୍ରମ ବିଦ୍ୟାଳୟ ଦେଇ ଯାଉଥିବା ଏକ ଟ୍ରକ୍ ନମ୍ବର ଓଡି ୧୪ ପି ୬୨୧୫ ଚାଳକ ଭାରସାମ୍ୟ ହରାଇବାରୁ ଟ୍ରକଟି ସ୍କୁଲ ପାଚେରୀ ଭାଙ୍ଗି ଶ୍ରେଣୀ ଗୃହକୁ ମଧ୍ୟ ଭାଙ୍ଗି ଦେଇଥିଲେ । ସଂପ୍ରତି ଗ୍ରୀଷ୍ମ ଛୁଟି ପାଇଁ ବିଦ୍ୟାଳୟରେ କେହି ପିଲାନଥିବାରୁ ନିଶ୍ଚିତ ରୂପେ ଏକ ବଡ ଅଘଟଣରୁ ଅଟକିଗଲା ।

ଅଗ୍ନିଶମ ବିଭାଗ ଦ୍ୱାରା ବିଭିନ୍ନ ଅଟାଳିକାର ଯାଞ୍ଚ

ରାଉରକେଲା, ୨୧।୬ (ଶ୍ରୁ.ମି) : ସହରରେ ଥିବା ବିଭିନ୍ନ ସପିଙ୍ଗମଲ ଏବଂ ଅନ୍ୟାନ୍ୟ ବଡ ବଡ ଅଟାଳିକାରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଏବଂ ଗ୍ରାହକମାନଙ୍କ ସୁରକ୍ଷାକୁ ନେଇ ଥିବା ବ୍ୟବସ୍ଥାର ଯାଞ୍ଚ କରାଯାଇଛି । ଆଜିଠୁ ୨ ଦିନ ଧରି ଚାଲିବାକୁ ଥିବା ଏହି ଯାଞ୍ଚର ପ୍ରଥମ ଦିନରେ ବିଗ ବଜାର, ବିଶାଳ ମେଗାମାର୍ଟ, ଷ୍ଟାଇଲ ବଜାର, ସନି ଟାୱାର, ଖିମଜୀ ଜୁଏଲାରୀ, ମନୋରଗା ମାର୍କେଟ କମ୍ପ୍ଲେକ୍ସ, ଶ୍ରୀ କମ୍ପ୍ଲେକ୍ସ, ସାଇ ରେସିଡେନ୍ସି, ସହେଜ ରେସିଡେନ୍ସି ସମେତ ପ୍ରାୟ ୧୪ଟି ସ୍ଥାନରେ ଯାଞ୍ଚ ହୋଇଥିବା ବେଳେ ଅପରାହ୍ନରେ ବିଭିନ୍ନ ସ୍କୁଲ ସମେତ ଅନ୍ୟାନ୍ୟ ୧୪ଟି ସ୍ଥାନର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ହୋଇଥିବା ଜଣାପଡିଛି ।

ଅଜଣା ବ୍ୟକ୍ତିଙ୍କ ଗୁଳିମାଡରେ ୧ ମୃତ, ୨ ଆହତ

ଲହୁଣୀପଡା, ୨୧।୬ (ଶ୍ରୁ.ମି) : ରାଉରକେଲା ପୋଲିସ ଜିଲ୍ଲା ଅଧିନରେ ଥିବା ବଣେଇଗଡ ଉପଖଣ୍ଡ ଅଞ୍ଚଳର ଲହୁଣୀପଡା ଥାନା ଅନ୍ତର୍ଗତ ଟେନ୍ନା ଫାଣ୍ଡି ଅଧିନରେ ଥିବା ବାଉରକେଲା କୁସୁମୁଡିହି ରାସ୍ତାର ରାଇକେଲାପୋଷ ପାଖାପାଖି ରାସ୍ତା ଦେଇ ଯାଉଥିବା ଏକ ଡମ୍ପର ଉପରକୁ ହଠାତ୍ କିଛି ବ୍ୟକ୍ତିମାନେ ଗୁଳି ଚାଳନା କରିଥିଲେ । ଫଳରେ ଡମ୍ପର ଚାଳକ ସୁନିଲ ମୁଣ୍ଡାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଫ୍ରାନସିସି ମୁଣ୍ଡା ଏବଂ ଝୁଇଁରା ମୁଣ୍ଡା ସମେତ ୨ ଜଣ ଆହତ ହୋଇ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡିଛି ।

ଢାବାରୁ ଗଞ୍ଜେଇ ଓ ମଦ ଜବତ : ୩ ଗିରଫ

କନିକା, ୨୧।୬ (ଶ୍ରୁ.ମି) : ସୁନ୍ଦରଗଡ ଅବକାରୀ ବିଭାଗ ଦ୍ୱାରା ହେମଗିରି ବ୍ଲକର କନିକା ଗ୍ରାମରେ ଥିବା ପରଭେଜ ଅଖତର ନାମକ ଜନୈକ ବ୍ୟକ୍ତିଙ୍କ ଢାବାରେ ଚଢାଉ କରି ପ୍ରାୟ ୯୦୦ ଗ୍ରାମର ଗଞ୍ଜେଇ ଜବତ କରିଥିବାବେଳେ ନିକଟରେ ଥିବା ଟପରିଆ ଗ୍ରାମରେ ମଧ୍ୟ ଯୁଧିଷ୍ଠିର ଭୋଇ ଏବଂ ବିଦ୍ୟାଧର ପଟେଲଙ୍କ ଢାବାରେ ଚଢାଉ କରି ପ୍ରାୟ ୨୦ ଲିଟର ଦେଶୀ ମଦ ଜବତ କରିଥିଲେ । କାମଝରିଆ ଜଙ୍ଗଲରେ ମଦ ପ୍ରସ୍ତୁତି ପାଇଁ ପୋତା ହୋଇଥିବା ପ୍ରାୟ ୨ କ୍ୱିଣ୍ଟାଲ ମହୁଲ ପୋଚକୁ ମଧ୍ୟ ଜବତ କରି ନଷ୍ଟ କରିଦେଇଥିଲେ । ଏ ସମସ୍ତ ଘଟଣାରେ ଅବକାରୀ ବିଭାଗ ୩ ଜଣଙ୍କୁ ମଧ୍ୟ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି ।

ଜୁଆ ଆଡ୍ଡାରେ ଚଢାଉ : ୬ ଗିରଫ

ଲାଠିକଟା, ୨୧।୬ (ଶ୍ରୁ.ମି) : ରାଉରକେଲା ପୋଲିସ ଜିଲ୍ଲା ଅଧିନରେ ଥିବା ଲାଠିକଟା ଥାନା ଅଞ୍ଚଳର କନରସୁଆଁ ଗ୍ରାମ ନିକଟରେ ଥିବା ରାସ୍ତା ଉପରେ ଏକ ବୋଲେରୋ ଗାଡି ନମ୍ବର ଓଡି ୧୬ ଡି ୧୨୫୩କୁ ରଖି କିଛି ଯୁବକ ଜୁଆ ଖେଳୁଥିବା ଖବର ପାଇ ପୋଲିସ ଚଢାଉ କରିଥିଲେ । ଏହି ଚଢାଉରେ ପୋଲିସ ରଞ୍ଜିତ ମିଞ୍ଜି, ବିଶ୍ୱ ନାଥ ମିଞ୍ଜ, ସୁନିଲ କୁଜୁର, ବିନୋଇବା, ମନନ ମାଝୀ ସମେତ ୬ ଜଣଙ୍କୁ ଗିରଫ କରିଥିବାବେଳେ ଆଉ କେତେଜଣ ଫେରାର ହୋଇଯାଇଥିଲେ । ଗିରଫ ବ୍ୟକ୍ତିମାନଙ୍କଠାରୁ ପୋଲିସ ନଗଦ ୩୮ ହଜାର ଟଙ୍କା, ୫ଟି ମୋବାଇଲ, ତାସ ସମେତ ବ୍ୟବହାର ହୋଇଥିବା ବୋଲୋରେଟିକୁ ମଧ୍ୟ ଜବତ କରିଥିଲେ । ଗିରଫ ବ୍ୟକ୍ତିମାନଙ୍କୁ ପୋଲିସ କୋର୍ଟଚାଲାଣ କରିଛି ।

ଟ୍ରେନରୁ ଖସି ଜଣେ ମୃତ

ପାନପୋଷ, ୨୧।୬ (ଶ୍ରୁ.ମି) : ରାଉରକେଲା ରେଲ ଷ୍ଟେସନ ଅଧିନରେ ଥିବା ପାନପୋଷ ଷ୍ଟେସନ ନିକଟରେ ଥିବା ବ୍ରାହ୍ମଣୀଜୋର ଉପରେ ଥିବା ରେଲବାଇ ବ୍ରିଜ ଉପରେ ଦେଇ ଆସୁଥିବା ଏକ ଯାତ୍ରୀବାହୀ ଟ୍ରେନରୁ ଖସିପଡି ଚନ୍ଦ୍ରଶେଖର ବିଶୋଇ ନାମକ ଜଣେ ଯୁବକର ମୃତ୍ୟୁ ହୋଇଯାଇଥିଲା । ଜିଆରପି ପୋଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି ।

ଜିଲ୍ଲାର ବିଭିନ୍ନ ସ୍ଥାନରେ ହାତୀ ଉପଦ୍ରବ

କୁଆଁରମୁଣ୍ଡା/ କୁତ୍ରା, ୨୧।୬ (ଶ୍ରୁ.ମି) : ପାନାପୋଷ ଉପଖଣ୍ଡ ଅଞ୍ଚଳରେ ଥିବା କୁଆଁରମୁଣ୍ଡା ବ୍ଲକର କୁମଝରିଆ ଗ୍ରାମ ପଞ୍ଚାୟତର ପଟୁଆବାହାଲ ଗ୍ରାମକୁ ଗତ ରାତିରେ କେତୋଟି ହାତି ପଶି ଆସି ଗ୍ରାମର ମହେଶ କୁମ୍ଭାରଙ୍କ ଘରକୁ ଭାଙ୍ଗି ଦେବା ସହିତ ଘରର ଆସବାବପତ୍ରକୁ ମଧ୍ୟ ନଷ୍ଟ କରିଦେଇଥିଲେ । ସେହିପରି କୁତ୍ରା ବ୍ଲକର ଝାରବେଡା ପଞ୍ଚାୟତର ବିଭିନ୍ନ ଗ୍ରାମରେ ମଧ୍ୟ ହାତୀପଲ ଉତ୍ପାତ ମଚାଇଥିବା ଜଣାପଡିଛି । ହାତୀପଲ କଟଙ୍ଗ ଗ୍ରାମକୁ ଆସି ଗ୍ରାମରେ ବହୁ ଘର ଭାଙ୍ଗି ଦେଇଥିବାବେଳେ ବ୍ୟାପକ ଫସଲ ନଷ୍ଟ କରିଦେଇଛନ୍ତି । ବର୍ତ୍ତମାନ ଆମ୍ବ ଓ ପଣସ ପାଚବା ସମୟ ଥିବାରୁ ଖାଦ୍ୟ ଲୋଭରେ ହାତୀପଲ ଗ୍ରାମ ଆଡକୁ ପଳାଇ ଆସି ଏପରି କରୁଥିବା ଅନୁମାନ କରାଯାଉଛି ।

ସହରର ବରିଷ୍ଠ ନାଗିରକଙ୍କ ସହିତ ଜୁଏଲଙ୍କ ବୈଠକ

ରାଉରକେଲା, ୨୧।୬ (ଶ୍ରୁ.ମି) : କେନ୍ଦ୍ରରେ ମୋଦି ସରକାରଙ୍କ ୪ ବର୍ଷ ପୂର୍ତ୍ତି ଅବସରରେ ଏନଡିଏ ସରକାରଙ୍କ ଦ୍ୱାରା ନିଆଯାଇଥିବା ଜନହିତକର ଯୋଜନା ସମ୍ବନ୍ଧରେ ଲୋକମାନଙ୍କୁ ଅବଗତ କରାଇବା ପାଇଁ କେନ୍ଦ୍ର ମନ୍ତ୍ରୀ ତଥା ସ୍ଥାନୀୟ ସାଂସଦ ଜୁଏଲ ଓରାମ ଆଜି ରାଉରକେଲା ଗସ୍ତରେ ଆସି ହୋଟେଲ ସୋଲାଷଠାରେ ଆୟୋଜିତ ଏକ ବରିଷ୍ଠ ନାଗରିକ ତଥା ବୁଦ୍ଧିଜୀବୀ ମାନଙ୍କର ଏକ ବୈଠକରେ ଯୋଗ ଦେଇଥିଲେ । ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଓରାମ ୪ ବର୍ଷର କାର୍ଯ୍ୟକୁ ନେଇ ବିଜେପି ଦ୍ୱାରା ପ୍ରକାଶ ପାଇଥିବା ଏକ ପୁସ୍ତିକା ଉପସ୍ଥିତ ଲୋକମାନଙ୍କୁ ବଣ୍ଟନ କରିଥିଲେ ।

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଯୋଗ ଦିବସ ପାଳନ

ରାଉରକେଲା, ୨୧।୬ (ଶ୍ରୁ.ମି) : ଗୁରୁବାର ଦିନ ବିଶ୍ୱ ଯୋଗ ଦିବସ ଉପଲକ୍ଷେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସେକ୍ଟର -୬ରେ ଯୋଗ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି । ୯ମ ଓ ୧୦ମ ଶ୍ରେଣୀର ଭାଇ ଭଉଣୀମାନେ ଯୋଗ ଶିକ୍ଷକ ପ୍ରଦୀପ୍ତ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଡାସନ, ବୃକ୍ଷାସନ, ପାଦହସ୍ତାସନ, ଅର୍ଦ୍ଧଚକ୍ରାସନ, ଭଦ୍ରାସନ, ବଜ୍ରାସନ, ଅର୍ଦ୍ଧଉଷ୍ଟ୍ରାସନ, ଉଷ୍ଟ୍ରାସନ, ଶଶକାସନ, ଉଭାନ ମଣ୍ଡୁକାସନ, ବକ୍ରାସନ, ମକରାସନ ଆଦି ଆସନର ଅଭ୍ୟାସ କରିଥିଲେ । ଅନ୍ୟତମ ଯୋଗ ଶିକ୍ଷକ ଶ୍ୟାମସୁନ୍ଦର ସେଠୀଙ୍କ ତତ୍ତ୍ୱାବଧାନରେ ଗୁରୁଜୀ, ଗୁରୁମାମାନେ ମଧ୍ୟ ଅନୁରୂପ ଆସନ ଅଭ୍ୟାସ କରିଥିଲେ । ପ୍ରାରମ୍ଭରେ ବିଦ୍ୟାଳୟରେ ନବ ନିଯୁକ୍ତ ପ୍ରଧାନଚାର୍ଯ୍ୟ ସୁରେନ୍ଦ୍ର କୁମାର ଶତପଥୀ, ମା' ସରସ୍ୱତୀଙ୍କ ସମ୍ମୁଖରେ ଦୀପ ପ୍ରଜ୍ୱଳନ ପୂର୍ବକ ଯୋଗ ଦିବସର ତାତ୍ପର୍ଯ୍ୟ ଯୋଗର ଉପାଦେୟତା ତଥା ବିଶ୍ୱକୁ ଭାରତର ଶ୍ରେଷ୍ଠ ଅବଦାନ ଯୋଗ ବୋଲି ନିଜ ବକ୍ତବ୍ୟରେ ପରିପ୍ରକାଶ କରିଥିଲେ ।

୨୫ରେ ଇସ୍ପାତ ସାହିତ୍ୟ ସଂସଦର କର୍ମକର୍ତ୍ତା ନିର୍ବାଚନ

ରାଉରକେଲା, ୨୧।୬ (ଶ୍ରୁ.ମି) : ଇସ୍ପାତ ସାହିତ୍ୟ ସଂସଦ'ର ୪୭ତମ ବାର୍ଷିକୋତ୍ସବର ତ୍ରୁଟି ବିଚ୍ୟୁତି ଓ ଆଗାମୀ କାର୍ଯ୍ୟକ୍ରମ ତଥା ୨୦୧୨ ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ଆଲୋଚନା, ପର୍ଯ୍ୟାଲୋଚନା ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଗତ ୨୦ ତାରିଖ ସନ୍ଧ୍ୟାରେ ସେକ୍ଟର ୭ସ୍ଥିତ ସଂସଦର କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ସଭାପତି ଶ୍ରୀ ବିଦ୍ୟାଧର ବାରିକ ଅଧ୍ୟକ୍ଷତା କରିଥିଲେ । ସଂସଦର ବରିଷ୍ଠ କର୍ମକର୍ତ୍ତା ରଘୁବର ଧଳ, ଦୀପ୍ତି ମହାନ୍ତି, ନିତ୍ୟାନନ୍ଦ ନାୟକ, ଖଗେନ୍ଦ୍ର ବେହେରା, ବ୍ରଜେନ୍ଦ୍ର ଦାଶ, ରଶ୍ମିତ ସାହାଣୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବାର୍ଷିକୋତ୍ସବକୁ ସଫଳତା ସହକାରେ ଅନୁଷ୍ଠିତ କରିଥିବା ସଂସଦର କର୍ମକର୍ତ୍ତା ସଦସ୍ୟ ସଦସ୍ୟା ଓ ଶୁଭେଚ୍ଛୁମାନଙ୍କ ପ୍ରତି କୃତଜ୍ଞତା ଅର୍ପଣ କରାଯାଇଥିଲା । ଆଗାମୀ ୨୫ ତାରିଖ (ସୋମବାର) ସନ୍ଧ୍ୟା ୬.୩୦ ସମୟରେ ସଂସଦର ୨୦୧୮-୨୦ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ । ଏଥିରେ ସମସ୍ତ ସଦସ୍ୟ ସଦସ୍ୟା ଅଂଶ ଗ୍ରହଣ କରିବା ପାଇଁ ସଭାପତି ଶ୍ରୀ ବାରିକ ନିବେଦନ କରିଛନ୍ତି ।

ବଜ୍ରାଘାତରେ ୨ ଆହତ : ୨ବଖରା ଘର ଭସ୍ମୀଭୂତ

ରାଜ-ବରହମପୁର, ୨୧/୬ (ଶ୍ରୁ.ମି) : ଗୁରୁବାର ଦିନ କାଳବୈଶାଖୀ ତାଣ୍ଡବରେ ବରହମ୍ପୁର ଥାନା ଅଧିନସ୍ଥ ଧରମପୁର ପଞ୍ଚାୟତରେ ଝଙ୍ଗଲସାହି ଏବଂ ମହୁରିଆସାହିରେ ଅଭାବନୀୟ ଘଟଣା ଘଟିଯାଇଛି । ଝଙ୍ଗଲସାହିରେ ଘଡ଼ଘଡ଼ିରେ ୨ବଖରା ଘର ଭଷ୍ମୀଭୂତ ହୋଇଥିବା ବେଳେ ମହୁରିଆ ସାହିରେ ୨ଜଣ ବଜ୍ରାଘାତରେ ଆହତ ହୋଇଛନ୍ତି । ବିବରଣୀ ଅନୁଯାୟୀ ଝଙ୍ଗଲ ସାହିର ୪ ମନ୍ତ୍ରୀ ସିଂଙ୍କ ପୁତ୍ର ଜିତେନ ସିଂ(୩୫)ଙ୍କ ଘର ବଜ୍ରାଘାତ ଯୋଗୁଁ ଅଗ୍ନି ସଂଯୋଗ ଫଳରେ ୨ବଖରା ଘର ସମ୍ପୂର୍ଣ୍ଣ ଜଳି ଧୂଳିସାତ ହୋଇଯାଇଛି । ଏଥିରେ ତାଙ୍କର ଧାନ, ଚାଉଳ, ଖଟ, ଟିଭି ସମେତ ସମସ୍ତ ବ୍ୟବହାର ଲୁଗା ଏବଂ କମଳ, ନଷ୍ଟ ହୋଇଯାଇ ଯାହାର ଆନୁମାନିକ ମୂଲ୍ୟ ୬୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ । ସେହିଭଳି ଏହି ବଜ୍ରାଘାତରେ ଉକ୍ତ ପଞ୍ଚାୟତ ବାଉଁଶପାଳ ଗ୍ରାମର ମହୁରିଆସାହି ବ୍ରଜମୋହନ ବାଗ୍‌ଙ୍କ ସ୍ତ୍ରୀ ଉମାମଣୀ ବାଗ୍ (୪୫) ଏବଂ ବରହମ୍ପୁର ଥାନା ଛତ୍ରପୁର ପଞ୍ଚାୟତ ମଧୁପୁରିଆ ଗ୍ରାମର ୪ ସୋମନାଥ ଟୁଡୁଙ୍କ ସ୍ତ୍ରୀ ଗୁନି ଟୁଡୁ (୫୦) ଏହି ବଜ୍ରାଘାତରେ ଶାକାର ହୋଇ ଗୁରୁତର ହୋଇଥିଲେ । ସଙ୍ଗେ ସଙ୍ଗେ ବରହମ୍ପୁର ଡାକ୍ତରଖାନାକୁ ଆଣି ଚିକିତ୍ସିତ କରାଯାଇଛି । ଏଥିରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସୁଧାର ହେଉଥିବାର ଡାକ୍ତରଙ୍କ ସୂତ୍ରରୁ ପ୍ରକାଶ ଆଜି ଏହି କାଳବୈଶାଖୀ ପ୍ରାଦୁର୍ଭାବରେ ବିଭିନ୍ନ ସ୍ଥାନର ଦୁର୍ଘଟଣା ଘଟିଥିବାର ପରିଲକ୍ଷିତ ହୋଇଛି ।

ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଦାବିରେ ଓକିଲ ସଂଘର ଆନ୍ଦୋଳନ ପ୍ରସ୍ତୁତି

ପଟ୍ଟାମୁଣ୍ଡାଇ, ୨୧।୬ (ଶ୍ରୁ.ମି) : କେନ୍ଦ୍ରାପଡା ଜିଲ୍ଲାର ୨ୟ ବୃହତ୍ତମ ସହର ତଥା ଜିଲ୍ଲା ପୁନଃଗଠନ ଦିନ ଠାରୁ ସବଡିଭିଜନର ମାନ୍ୟତା ପାଇଥିବା ସର୍ବୋପରି ସବଡିଭିଜନ ପାଇଁ ସର୍ବୋତ୍କୃଷ୍ଟ ଭିତ୍ତିଭୂମି ଥିବା ପଟ୍ଟାମୁଣ୍ଡାଇକୁ ସବଡିଭିଜନ ଘୋଷଣା ଦାବିରେ ବିଭିନ୍ନ ରାଜନୈତିକ ଦଳ ଓ ଗଣ ସଂଗଠନ ପକ୍ଷରୁ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜାରି ରହିଛି । ଦଳମତ ନିର୍ବିଶେଷରେ ସବଡିଭିଜନ ଦାବି ନେଇ ସବୁବର୍ଗର ଲୋକମାନେ ରାସ୍ତାକୁ ଓହ୍ଲାଇଛନ୍ତି । ପଟ୍ଟାମୁଣ୍ଡାଇ ଓକିଲସଂଘ ସବଡିଭିଜନ ଦାବି ନେଇ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥିବାବେଳେ ଏହାକୁ ଜୋରଦାର କରିବା ପାଇଁ ବ୍ୟାପକ ପ୍ରସ୍ତୁତି ଚଳାଇଛି । ପଟ୍ଟାମୁଣ୍ଡାଇ ଓକିଲସଂଘର ଏକ ଜରୁରୀ ବୈଠକ ସଭାପତି ପ୍ରମୋଦ ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓକିଲସଂଘ ସଂପାଦକ ଆଡଭୋକେଟ ସୁଶୀଲ କୁମାର ଦାସ, ବରିଷ୍ଠ ଆଡଭୋକେଟ କିଶୋର କୁଣ୍ଡ, ସରକାରୀ ଓକିଲ ଅଭିରାମ କୁଣ୍ଡ, ବିଜ୍ଞାନ ମିହିର ଜେନା, ବିଶ୍ୱଜିତ ରାଉତ, ସହସଂପାଦକ ରବିନ୍ଦ୍ର ଦାଶ, ଉପସଭାପତି ଶରତ ଦାସ, ହୃଦାନନ୍ଦ ମହାନ୍ତି, ଶରତ ମଲିକ, ପ୍ରଭାତ ବେରା, ସୁବ୍ରତ ରଥ, ଅଶ୍ୱିନୀ ବେହେରା, ପ୍ରବୀର ପାତ୍ର, ତପନ ନନ୍ଦୀ, ଗଣେଶ ବାରିକ, ସୌମ୍ୟରଞ୍ଜନ ଧଳ, ପ୍ରମୋଦ ଦାଶ, ଅର୍ଚ୍ଚନା ରାଉତ, ପ୍ରଣତି ଦାସ, ସୁଧିର ଦାସ, ପ୍ରଫୁଲ୍ଲ ଦାସ, ଚିତ୍ତରଞ୍ଜନ ଦାସ, ମିର ଫରଜିନ ବେଗ, ଅଲେଖ ବଳ, ବିନ୍ଦୁ ଭୂଷଣ ଦାସ, ପ୍ରତାପ ପୁଷ୍ଟି ପ୍ରମୁଖ ବହୁ ସଦସ୍ୟ ଯୋଗ ଦେଇ ପଟ୍ଟାମୁଣ୍ଡାଇ ସବଡିଭିଜନ ଦାବି ପ୍ରତି ନିଜର ଅକୁଣ୍ଠ ସମର୍ଥନ ଜ୍ଞାପନ କରିଥିଲେ । ପଟ୍ଟ